# ସୁରକ୍ଷା ପାଇଁ ସଚେତନତା ଲୋଡ଼ା

ବ୍ରହ୍ମପୁର,୧୯।୩(ସ୍ମୃତି ରଞ୍ଜନ ମହାଲିକ)

ଗୁରୁବାର ବିଶ୍ୱ ଘରଚଟିଆ ଦିବସ ପାଳନ କରାଯିବ। ହେଲେ ଘରଚଟିଆଙ୍କ ସୁରକ୍ଷା ପାଇଁ କେତେଟା ହାତଗଣତି ଅନୁଷ୍ଠାନ କାମ କରୁଥିବାବେଳେ ଲୋକ ସଚେତନତା ଦରକାର ବୋଲି ପରିବେଶବିତ ମହଲରୁ ମତ ମିଳୁଛି। ସେମାନଙ୍କ ଆଗମନରେ ବର୍ଷାର ବି ସୂଚନା ମିଳୁଥିବା ବୟୋଜ୍ୟେଷ୍ଠମାନେ କୁହନ୍ତି। ୧୯୯୯ ମହାବାତ୍ୟା ପରଠାରୁ ଏମାନଙ୍କ ବଂଶ ପ୍ରତି ବିପଦ ମାଡି ଆସିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅନବରତ ଗଛ କଟା ଓ କଂକ୍ରିଟିକରଣ ହିଁ ଏମାନଙ୍କ ବଂଶବୃଦ୍ଧିରେ ବାଧକ ସାଜିଛି। ତେଣୁ କୋଠା ଘରର ଭେଣ୍ଟିଲେସନ ଓ ବିଦ୍ୟୁତ ପୋଲରେ ସେମାନେ ବସା ବାନ୍ଧୁଥିବାବେଳେ ସେମାନଙ୍କ ଅଣ୍ଡା ବି ସୁରକ୍ଷିତ ରହୁନାହିଁ। ବିଭିନ୍ନ ଗଛର ପୋକ ଏବଂ ଜମିଗୁଡିକରେ ଥିବା ଫସଲର ପୋକ ଏମାନଙ୍କ ଆହାର।



କୃତ୍ରିମ ବସା ଘରେ ଘର ଚଟିଆ।

ଧାନ ଏମାନଙ୍କ ଖାଦ୍ୟ ହୋଇଥିବାବେଳେ ଜୀବନ ଶୈଳୀ ପରିବର୍ତ୍ତନ କାରଣରୁ ଆଗଭଳି ଧାନ ଶୁଖାଯାଉନି। ପରିବେଶ ସୁରକ୍ଷାରେ ଏମାନଙ୍କ ଭାଗୀଦାରି ରହୁଥିବାରୁ ଚଟିଆ ବଂଶ ରକ୍ଷା ପାଇଁ ଭାରତ ବିକାଶ ପରିଷଦ ଆଜକୁ ୧୪ ବର୍ଷ ହେଲା କାମ କରି ଆସୁଛି। ସହରର ଧର୍ମନଗର, ଗୁଡସରୋଡ ସ୍ଥିତ ଶାସ୍ତ୍ରୀ ନଗର ସମେତ

**ଆଜି ବିଶ୍ୱ ଘର ଚଟିଆ ଦିବସ**

କୁକୁଡାଖଣ୍ଡି ବ୍ଲକର ଗୁଣ୍ଠବନ୍ଧ, ବିରି ବାଡିଆ, ବାଘ ଝରି, ଲାଞ୍ଜିଆ ଓ ବାଳକୃଷ୍ଣପୁର ଆଦି ଅଂଚଳରେ ପରିଷଦ ପକ୍ଷରୁ ପ୍ଲାଏ ବୋର୍ଡ, ମାଟି ହାଣ୍ଡି, ଶୁଖିଲା ନଡିଆ ଓ ଶୁଖିଲା ଲାଉ ତୁମ୍ବାରେ ବସା ତିଆରି କରାଯାଇ ଅନେକ ଲୋକଙ୍କ ଘର ଦାଣ୍ଡରେ ଖଞ୍ଜାଯାଇଛି।

ସାରା ଜିଲାରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଗୁଣ୍ଠବନ୍ଧ ସମେତ ଲାଞ୍ଜିଆ ଓ ଅନନ୍ତେଇରେ ବର୍ତ୍ତମାନ ୨୦୦ରୁ ୩୦୦ ଘର ଚଟିଆ ଅଛନ୍ତି। ଗଜପତି ଓ ଜଗତସିଂହପୁର ଜିଲାକୁ ଏହି କାର୍ଯକ୍ରମ ବ୍ୟାପିଛି ବୋଲି ସଂଘ ସଭାପତି ସାଗର କୁମାର ପାତ୍ର କହିଛନ୍ତି। ଆଗାମୀ ଦିନରେ ଘର ଚଟିଆଙ୍କ ସୁରକ୍ଷା ପାଇଁ ଗାଁ ଗୁଡିକରେ ଚାଳ ଘର ନିର୍ମାଣ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଛନ୍ତି। ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀଙ୍କ ମତରେ ସହର ଓ ଗ୍ରାମାଚଂଳରେ ଗଛ କଟା ଓ କଂକ୍ରିଟିକରଣ ଘର ଚଟିଆଙ୍କ ବଂଶ ବୃଦ୍ଧିରେ ଏହାର ନକରାତ୍ମକ ପ୍ରଭାବ ପଡୁଛି। ଏଣୁ ଗ୍ରାମାଚଂଳରେ ଟଗର ଓ ସଜନା ଗଛ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି।

## ଆଉଟସୋର୍ସିଂ ଉଚ୍ଛେଦ, ସ୍ଥାୟୀ ନିଯୁକ୍ତି ଦାବି

ଭଞ୍ଜନଗର,୧୯।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ କାର୍ଯ୍ୟରତ ଥିବା ଆଉଟସୋର୍ସିଂ କର୍ମଚାରୀ ମାନେ ବିଭିନ୍ନ ଦାବି ନେଇ ବୁଧବାର ମୁଜାଗଡ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉତ୍ତର ଘୁମୁସର ବନଖଣ୍ଡ ଆଉଟସୋର୍ସିଂ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା। ଆଉଟସୋର୍ସିଂ ବ୍ୟବସ୍ଥା ଉଚ୍ଛେଦ, ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି, ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଆଦି ଦାବିଗୁଡ଼ିକ ସରକାର ତୁରନ୍ତ ପୂରଣ ନ କଲେ ଆସନ୍ତା ୨୨ ତାରିଖରୁ ଭୁବନେଶ୍ୱରରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଛନ୍ତି। ବିକ୍ଷୋଭରେ ମିଖାଇଲ ନାଇକ, ପ୍ରମୋଦ ବିଷୋୟୀ, ଭିକାରୀ ବିଷୋୟୀ, ସାଗର ସାହୁ, ସତ୍ୟ ନାରାୟଣ ମହାରଣା, ରଞ୍ଜନ ନାଇକ, ସ୍ନେହଲତା ଦାସ ପ୍ରମୁଖ ଭାଗ ନେଇଥିଲେ।

## ଜିଲାର ୩ କେନ୍ଦ୍ରରେ ମାଟ୍ରିକ୍ ଖାତାଦେଖା ଆରମ୍ଭ

ବ୍ରହ୍ମପୁର, ୧୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ବୁଧବାରଠାରୁ ମାଟ୍ରିକ ଖାତାଦେଖା ଆରମ୍ଭ ହୋଇଛି। ଜିଲାର ୩ କେନ୍ଦ୍ରରେ ଖାତା ଦେଖା ପାଇଁ ବ୍ୟବସ୍ଥା କରାଯାଇଛି। ଗଞ୍ଜାମର ଭିଭି ଗିରି ହାଇ ସ୍କୁଲ, ଆସ୍କା ହରିହର ହାଇସ୍କୁଲ ଓ ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ପ୍ରାୟ ୬୦୦ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଚଳିତ ବର୍ଷ ୧୨ ଦିନ ଧରି ଖାତା ଦେଖା ଚାଲିବ । ତେବେ ମାଟ୍ରିକ ପରୀକ୍ଷା ବ୍ୟତୀତ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଖାତା ମଧ ଦେଖାଯିବ । ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଜାରି କରାଯାଇଛି । ସକାଳ ୧୦ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖାତା ଦେଖା ହେବ । ତେବେ ଖାତା ଦେଖା ମୂଲ୍ୟାୟନକୁ ତ୍ରୁଟିଶୂନ୍ୟ କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୋମବାର ୩୦ ଜିଲା ଶିକ୍ଷାଧିକାରୀଙ୍କ ସହ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଫେବ୍ରୁଆରୀ ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହୋଇଥିଲା । ଜିଲାରୁ ମୋଟ ଏଥର ୪୩ ହଜାର ୪୩୫ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେବା ପାଇଁ ପଂଜିକରଣ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିକଶିତ ଭାରତ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର, ୧୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀରେ ବିକଶିତ ଭାରତ: ଯୁବ ସଂସଦ ୨୦୨୫ ଜିଲାସ୍ତରୀୟ ୨ ଦିନିଆ ପ୍ରତିଯୋଗିତା ହୋଇଥିଲା । କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ପ୍ରେରଣାରେ ବୁଧବାର ନେହରୁ ଯୁବ କେନ୍ଦ୍ର ଏବଂ ଜାତୀୟ ସେବା ଯୋଜନା ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଏନ ଏସ ଏସ କାର୍ଯ୍ୟକ୍ରମ ଅଧିକାରୀ ଡଃ ଶଙ୍କର୍ଷଣ ମଲିକଙ୍କ ଅଧ୍ୟକ୍ଷତାରେ ଏହା ଅୟୋଜିତ ହୋଇଥିଲା। ଗଞ୍ଜାମ ଏବଂ ଗଜପତି ଜିଲାରୁ ୧୪୨ ଜଣ ପ୍ରତିଯୋଗୀ "ଏକ ରାଷ୍ଟ୍ର, ଏକ ନିର୍ବାଚନ" ତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜଲାସ୍ତରରୁ ଦଶ ଜଣ କୃତି ପ୍ରତିଯୋଗୀଙ୍କୁ ଚୟନ କରାଯାଇ ରାଜ୍ୟସ୍ତରକୁ ପଠାଯିବ। ସ୍ନାତୋକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ନେହରୁ ଯୁବ କେନ୍ଦ୍ରର ଜିଲା ଅଧିକାରୀ ଅକ୍ଷୟ ନାଇପନ ଉପସ୍ଥିତ ଥିଲେ। ବିଚାରକ ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ, ଜାତୀୟ ସେବା ଯୋଜନା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଂଯୋଜକ ଡଃ ଜୟନ୍ତ କୁମାର ପଣ୍ଡା, ଗଞ୍ଜାମ ଜିଲ୍ଲା ଜାତୀୟ ସେବା ଯୋଜନା ର ଅଧିକାରୀ ଗଣେଶ ସାହୁ, ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ସୌମେନ୍ଦ୍ର କୁମାର ମହାନ୍ତି, ଆଇନ ବିଭାଗର ସହକାରୀ ପ୍ରାଧ୍ୟାପକ ଚିତ୍ତ ରଞ୍ଜନ ଗୋଗୋଇ ଯୋଗଦେଇଥିଲେ। ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଡଃ. ଦୀପକ ନାୟକ ଧନ୍ୟବାଦ ଦେଇଥିଲେ।

## ଦଣ୍ଡ ନାଚରେ ପରିବେଷଣ ହେବନି ସାମାଜିକ ନାଟକ




ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୧୯।୩(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାର ପ୍ରସିଦ୍ଧ ଦଣ୍ଡନାଚରେ ଆସନ୍ତା ବର୍ଷଠାରୁ ସାମାଜିକ ନାଟକ ପରିବେଷିତ ହେବନାହିଁ। ବୁଧବାର ମହାନଗର ଦଣ୍ଡନାଚ ମହାସଂଘ ପକ୍ଷରୁ ଅଭିରାମ ମଠ ପରିସରରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସଂଘ ସଭାପତି ଦେବୀ ପ୍ରସାଦ ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ଧୂଳି ଦଣ୍ଡରେ ଅଶ୍ଳୀଳ ଭାଷା ଇଙ୍ଗିତ ବନ୍ଦ କରାଯିବ। ନାରୀ ଅଭିନେତ୍ରୀଙ୍କ ଦ୍ୱାରା ରେକର୍ଡ ଡ୍ୟାନ୍ସ ଓ ମେଲୋଡି କାର୍ଯ୍ୟକ୍ରମ ବନ୍ଦ କରାଯିବ। କମ ବଜେଟରେ ମାନସିକଧାରୀ ଯେଭଳି ଦଣ୍ଡ ନାଚ କରିପାରିବେ ପଦକ୍ଷେପ ଗ୍ରହଣ କରାଯିବ। ଭାରତ ଲୀଳା, ପ୍ରହଲାଦ ନାଟକ ଓ ଦଣ୍ଡ କାମନା ଭଳି ବିଭିନ୍ନ ପୌରାଣିକ ନାଟକ ପରିବେଷଣ ହେବ। ଚଳିତ ବର୍ଷ ଦଣ୍ଡ ନାଚ ପରେ ଜିଲାପାଳଙ୍କୁ ଏକ ରିଜୋଲ୍ୟୁସନ ଦିଆଯିବ ବୋଲି ସଭାପତି କହିଛନ୍ତି। ସଂଘର ଜିଲା ସଭାପତି ଶିବରାମ ପ୍ରଧାନ, ସଂପାଦକ ଶରତ ଚନ୍ଦ୍ର ସାହୁ, ଉପଦେଷ୍ଟା ଦେବେନ୍ଦ୍ର ପ୍ରସାଦ ଶର୍ମାଙ୍କ ସମେତ ପାଣିଗ୍ରାହୀ ପେଣ୍ଠ ନାଟ୍ୟ ସଂଘର ଦଣ୍ଡପାଣି ସାହୁ, ବିଜିପୁର ନାଟ୍ୟ ସଂଘର ପି ନାନୀ, ପାତାଳେଶ୍ୱର ନାଟ୍ୟ ସଂଘର ତାରିଣୀ ନାୟକ, ନୂଆ ବସ ଷ୍ଟାଣ୍ଡ କାଳୀ ମନ୍ଦିର ପରିଚାଳକ ତାରିଣୀ ପ୍ରସାଦ ବେହେରା ଓ ଯୁଗ୍ମ ସଂପାଦକ ସୁରେନ୍ଦ୍ର କୁମାର ସେନାପତିଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଅନ୍‌ଲାଇନରେ ଓଏସ୍‌ଆର୍‌ଟିସି ଟିକେଟ ମୂଲ୍ୟ ଫେରସ୍ତ ଉଦ୍ୟମ କରି ଲକ୍ଷେ ହରାଇଲେ

ବ୍ରହ୍ମପୁର,୧୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ଅନଲାଇନରେ ଓଏସଆରଟିସି କଷ୍ଟମର କେୟାର ସଂଗ୍ରହ କରି ଯୋଗାଯୋଗ ବେଳେ ଠକେଇର ଶିକାର ହୋଇଛନ୍ତି ଜଣେ ଯୁବତୀ। ଓଏସଆରଟିସି ବସର ଟିକଟ ମୂଲ୍ୟ ଫେରସ୍ତ ପାଇବାକୁ ଉଦ୍ୟମ କରି ବ୍ରହ୍ମପୁରରେ ରହୁଥିବା କଟକର ଜଣେ ଯୁବତୀ ଓ ତାଙ୍କ ଭଉଣୀଙ୍କ ଆକାଉଣ୍ଟରୁ ସାଇବର ଗ୍ୟାଙ୍ଗ ୧ ଲକ୍ଷ ଟଙ୍କା ଠକି ନେଇଛନ୍ତି । ଏ ନେଇ ବୈଦ୍ୟନାଥପୁର ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ତଦନ୍ତ କରିଛି । ଅଯୋଧ୍ୟାନଗର ଅଞ୍ଚଳରେ ରହୁଥିବା ଏହି ଯୁବତୀ ଜଣଙ୍କ କିଛି ଦିନ ତଳେ ଓଏସଆରଟିସି ଆପ ଜରିଆରେ ବସରେ କଟକ ଯିବା ପାଇଁ ଏକ ଟିକଟ ବୁକ କରିଥିଲେ । ପରେ ସେ ଉକ୍ତ ଟିକଟ କ୍ୟାନସଲ କରି ଦେଇଥିଲେ। ହେଲେ ତାଙ୍କ ଆକାଉଣ୍ଟକୁ ଟିକଟ ମୂଲ୍ୟ ୨୧୮ ଟଙ୍କା ଫେରସ୍ତ ଆସିନଥିଲା। କିଛି ଘଣ୍ଟା ଅପେକ୍ଷା କରିବା ପରେ ଟଙ୍କା ନ ଫେରିବାରୁ ସେ ଓଏସଆରଟିସି ଆପକୁ ଯାଇ ଯୋଗଯୋଗ କରିବାକୁ ଉଦ୍ୟମ କରିଥଲେ ବି ସମ୍ଭବ ହୋଇନଥିଲା। ପରେ ଯୁବତୀ ଜଣଙ୍କ ଗୁଗଲକୁ ଯାଇ ଅନଲାଇନରେ ଓଏସଆରଟିସି କଷ୍ଟମର କେୟାର ନମ୍ବର ବାହାର କରିଥିଲେ।ଗୁଗଲରୁ ମିଳିଥିବା ନମ୍ବରରେ ଯୋଗାଯୋଗ ପରେ ଜଣେ ବ୍ୟକ୍ତି ଫୋନ ଗ୍ରହଣ କରି ଟଙ୍କା ଫେରସ୍ତ ଦିଗରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ । ଏହାପରେ ଜଣେ ବ୍ୟକ୍ତି ଫୋନ କରି ଓଏସଆରଟିସି କଷ୍ଟମର କେୟାରରୁ କହୁଥିବା ଯୁବତୀଙ୍କୁ ଜଣାଇଥିଲେ । ଫୋନ କରିଥିବା ବ୍ୟକ୍ତି ଜଣଙ୍କ ଯୁବତୀଙ୍କୁ ଫୋନ-ପେ ଆପ ଖୋଲିବାକୁ କହିବା ସହ ମୋବାଇଲ ନମ୍ବରର ଶେଷ ୫ଟି ନମ୍ବର ଡାଏଲ କରିବାକୁ କହିଥିଲେ । ଯୁବତୀ ଜଣଙ୍କ ତାହା କରିବା ପରେ ତାଙ୍କ ଫୋନ-ପେ ଆକାଉଣ୍ଟରୁ ହଜାର ହଜାର ଟଙ୍କା କଟି ଯାଇଥିଲା । ଏ ନେଇ ଯୁବତୀ ଜଣଙ୍କ ପ୍ରଶ୍ନ କରିବାରୁ ତାଙ୍କ ଆକାଉଣ୍ଟରୁ କଟିଥିବା ସମସ୍ତ ଟଙ୍କା ଅନ୍ୟ ଏକ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି କହିଥିଲେ । ଟଙ୍କା ଫେରିପାଇବା ଲୋଭରେ ଯୁବତୀ ଜଣଙ୍କ ନିଜ ଭଉଣୀର ବ୍ୟାଙ୍କ ଆକାଉଣ୍ଟର ସମସ୍ତ ତଥ୍ୟ ପ୍ରଦାନ କରିଥିଲେ । ଏହାପରେ ଯୁବତୀଙ୍କ ଭଉଣୀର ଆକାଉଣ୍ଟରୁ ମଧ ଟଙ୍କା କଟି ଯାଇଥିଲା । ଉଭୟଙ୍କ ଆକାଉଣ୍ଟରୁ ୫ଟି ନେଣଦେଣ ଜରିଆରେ ୧ ଲକ୍ଷ ଟଙ୍କା କଟିଯାଇଥିଲା। ପରେ ଯୁବତୀ ଜଣଙ୍କ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ସେ ସାଇବର ସେଲକୁ ଯାଇ ଅଭିଯୋଗ କରିବା ସହ ବୈଦ୍ୟନାଥପୁର ଥାନାରେ ମଧ ଏନେଇ ଲିଖିତ ଅଭିଯୋଗ କରିଥିଲେ।




## ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ରମ୍ଭା,୧୯।୩ (ବନବାସୀ ସେଠୀ)

ସ୍ଥାନୀୟ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଏନ୍‌ଏସ ଅଧକ୍ଷା ମାନସୀ ସ୍ୱାଇଁ ଉପସ୍ଥିତ ଥିବା ବେଳେ ଓଡ଼ିଆ ଅଧ୍ୟାପକ ଡା.ଭାସ୍କର ଚନ୍ଦ୍ର ମୁଦୁଲି ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଡ଼ା.ସାଗରୀକା ମହାପାତ୍ର ଉପସ୍ଥାପନା କରିଥିଲେ। ମଞ୍ଚାସିନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ନାରୀ ସୁରକ୍ଷା ଏବଂ ଆତ୍ମ ବିଶ୍ୱାସ ଓ ମନୋବଳ ଦୃଢ଼ କରିଲେ ନାରୀ ସର୍ବଗୁଣୀ ସମ୍ପୂର୍ଣ୍ଣ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ୮୪ ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ମମତା ବେହେରା ତାଲିମ୍ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଛାତ୍ରୀ କାଜଲ ରଣା ନିଜର ଅନୁଭୂତିରେ ନାରୀ ସୁରକ୍ଷା ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଟି.ଅଲିଶ୍ରୀ ଆଚାରୀ, ଅଧ୍ୟାପକ ହେମନ୍ତ ଦାଶ, ଗଣେଷ ବେହେରା, ଜିତେନ୍ଦ୍ର ପଟ୍ଟନାୟକ, ଅଧ୍ୟାପିକା ଗୌରୀବଳବନ୍ତରାୟ, ଅଧ୍ୟାପକ ରଞ୍ଜିତ ପାଣିଗ୍ରାହୀ, ଅଧ୍ୟାପକ ବିପିନ ବିହାରୀ ଦାଶ, ଅଧ୍ୟାପକ ନିରଞ୍ଜନ ମହାନ୍ତି, ବ୍ରଜମୋହନ ପଣ୍ଡା, ଅଧ୍ୟାପିକା ଟି.ସ୍ୱାତୀ ଦେବୀ, ଯୋଗିନ୍ଦ୍ର ସାହୁ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ସ୍ୱାମୀ ନିଖୋଜ, ସ୍ତ୍ରୀ ଦେଲେ ଏତଲା

ଦିଗପହଣ୍ଡି,୧୯।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ପଦ୍ମନାଭପୁର ଗ୍ରାମର ଶିଶିର ସେଠୀଙ୍କ ରହସ୍ୟଜନକ ନିଖୋଜ ନେଇ ତାଙ୍କ ସ୍ତ୍ରୀ ଜ୍ୟୋତି ରାଣୀ ସେଠୀ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଆଇଆଇସି ପ୍ରଶାନ୍ତ ପାତ୍ର ଏତଲାକୁ ଭିତ୍ତିକରି ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଫେବୃଆରୀ ୧୮ ତାରିଖ ସକାଳେ ଶିଶିର ଗାଁରୁ ତାଙ୍କ ବାଇକ (ନଂ.ଓଡ଼ି ୦୭ ଡି -୫୯୧୯) ଯୋଗେ କୋରାପୁଟ ଜୟପୁର ନିକଟ ଗୁପ୍ତେଶ୍ୱର ଶୈବପୀଠକୁ ଯାଇଥିଲେ। ସେ ତାଙ୍କ ସାଙ୍ଗରେ ଏକ ଲାପଟପ୍ ନେଇଥିଲେ। ସେଠାକୁ ଯିବାର ୧ ସପ୍ତାହ ଧରି ସେ ତାଙ୍କ ମୋବାଇଲ ଫୋନ ଯୋଗେ ସ୍ତ୍ରୀଙ୍କ ସହ କଥାବାର୍ତ୍ତା ହେଉଥିଲେ। ପରେ ତାଙ୍କ ଫୋନ ସୁଇଚ ଅଫ୍ ହୋଇଯାଇଥିଲା। କିଛି ଦିନ ପରେ ସେ ଅଯୋଧ୍ୟା ଯାଇ ଠାକୁରଙ୍କୁ ଦର୍ଶନ କରିବା ସହ ଏକ ଆଶ୍ରମରେ ମାଗଣା ଘରଭଡ଼ାରେ ରହିଥିବା ଜଣାଇଥିଲେ। ପରେ ସେମାନେ ମୋତେ ଘରଭଡା ଜବରଦସ୍ତ ମାଗୁଛନ୍ତି। ମୁଁ ନଦେବାରୁ ସେମାନେ ମୋର ବାଇକ ଏବଂ ଲାପଟପ୍ ଛଡାଇ ରଖିଥିବା ଜଣାଇବାର କିଛିସମୟ ପରେ ତାଙ୍କ ଫୋନ ସୁଇଚ ଅଫ୍ ହୋଇଯାଇଥିଲା ବୋଲି ଏତଲାରେ ଉଲ୍ଲେଖ ରହିଛି।

## ଗଛରୁ ପଡ଼ି ଯୁବକ ଗୁରୁତର

ମୋହନା,୧୯।୩ (ମନ୍ମଥ ମିଶ୍ର)

ଅଡ଼ବା ଥାନା ଗାଁର ରାଜନ ସାହିର ଫିଲମନ ଶବର (୨୦) ବୁଧବାର ଅପରାହ୍ନରେ ଗଛରୁ ନଡ଼ିଆ ତୋଳିବାକୁ ଚଢ଼ିଥିଲା ବେଳେ ହଠାତ କୌଣସି କାରଣରୁ ତଳେ ପଡ଼ିଗଲେ। ତାଙ୍କୁ ଅଡବା ମେଡିକାଲରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ସେ ଗୁରୁତର ଥିବାରୁ ତାଙ୍କୁ ଡାକ୍ତର ମୋହନା ମେଡିକାଲକୁ ପଠାଇଦେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମୁଣ୍ଡରେ ଅତ୍ୟାଧିକ ଆଘାତ ହୋଇଥିବା ହେତୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତରିତ ହୋଇଥିବା ଡାକ୍ତର ସମୀର ତ୍ରିପାଠୀ କହିଛନ୍ତି।







**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଆସିକା**
Email : askanac@gmail.com Ph. No. 06822-273068
ପତ୍ର ସଂଖ୍ୟା : 941 — **ବାର୍ତ୍ତା** — ତାରିଖ : 19.03.2025

❖ ପରିଷଦର ଟିକସ, ଗୃହଟିକସ, ସଫେଇକର ଦୋକାନ ଭଡ଼ା ଯଥା ସମୟରେ ଜମାକରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜୀକରଣ କରାଇ ନିଅନ୍ତୁ। ❖ ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ଅତି ଶିଘ୍ର ମଞ୍ଜୁର କରାଇ ନିଅନ୍ତୁ। ❖ ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ୍ ପୃଥକ୍ କରିରଖି ପରିଷଦ ତରଫରୁ ନିଯୁକ୍ତଗାଡ଼ିରେ ପକାନ୍ତୁ ଓ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୁଅନ୍ତୁ। ❖ ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା - ଗୋଡ଼ି, ବାଲି, ଇଟା ଓ ପଥର ଇତ୍ୟାଦି ଜମାକରନ୍ତୁ ନାହିଁ। ❖ ଗୃହପାଳିତ ପଶୁ ଯଥା ଗାଈଗୋରୁ, ଛେଳି, ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡ଼ନ୍ତୁ ନାହିଁ। ❖ ପଲିଥିନ ବ୍ୟବହାର କରନ୍ତୁ ନାହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ। ❖ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ। ❖ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନକୁ ଅତିକମରେ ୫ ମିଟର ପରିଧି ବିଶିଷ୍ଟ ଅଞ୍ଚଳକୁ ସଫାରଖନ୍ତୁ ଓ ଡଷ୍ଟବିନ୍‌ସ୍‌କୁ ବ୍ୟବହାର କରନ୍ତୁ।

**ବିକାଶ ପଥରେ ଆସିକା :** ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଯଥା : ସହରରେ ପେଭର ରାସ୍ତା ନିର୍ମାଣ, ଆଲୋକୀକରଣ, ନାଳ ପୁନଃ ଉଦ୍ଧାର, ଶିଶୁ ଉଦ୍ୟାନ ଓ ମୁକ୍ତ ଆକାଶ ବ୍ୟାୟାମ କେନ୍ଦ୍ର ସ୍ଥାପନ, ସମସ୍ତ ବନ୍ଧର ସୌନ୍ଦର୍ଯ୍ୟକରଣ, ବସ୍ ଷ୍ଟାଣ୍ଡରେ ସୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ସାମଗ୍ରୀ ପୁନର୍ଲାଭ କେନ୍ଦ୍ର, ଗୃହନିର୍ମାଣ ଓ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର, ଅଣୁ ଜୈବ ଖତପ୍ରସ୍ତୁତ କେନ୍ଦ୍ର, ଲୁ, ମଳ ଉପଚାର କେନ୍ଦ୍ର ଇତ୍ୟାଦି କାର୍ଯ୍ୟ ସଫଳ ରୂପାୟନ କରାଯାଇଛି।

**ରାଜେଶ କୁମାର ମହାପାତ୍ର**
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା

**ଶ୍ରୀମତୀ ବିନେତା ସ୍ୱାଇଁ**
ଅଧକ୍ଷା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା

## ବସ୍ ଧକ୍କାରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

ଦିଗପହଣ୍ଡି,୧୯।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ କୈଠଖଣ୍ଡି -ତଲାସିଙ୍ଗି ଗ୍ରାମ ମଧ୍ୟବର୍ତ୍ତୀ ମୁଖ୍ୟ ରାସ୍ତାରେ ବୁଧବାର ସକାଳେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୈଠଖଣ୍ଡି ପଞ୍ଚାୟତ ମଧୁବନ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୁରେଶ୍ବ ପାତ୍ର। ତାଙ୍କ ଘର ନୂଆଗଡ଼ ଗ୍ରାମରେ। ଦିଗପହଣ୍ଡିରେ ରହୁଥିବା କୁରେଶ୍ବ ପ୍ରତିଦିନ ଭଳି ବୁଧବାର ସକାଳେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ପରିବା ସାଙ୍ଗରେ ନେଇ ବିଦ୍ୟାଳୟ ଅଭିମୁଖେ ତାଙ୍କ ବାଇକ (ନଂ.ଓଡ଼ି ୦୭ ସି -୯୨୩୦) ଯୋଗେ ଯାଉଥିବା ବେଳେ ଖମାରିଗାଁ ଶଙ୍କରଖାଲି ଛକରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ନୀଳକଣ୍ଠ ନାମକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦିଗପହଣ୍ଡି ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍ ଓ କୁରେଶ୍ବଙ୍କ ବାଇକକୁ ଜବତ କରିଛି। ବସ ଚାଳକ ଫେରାର ଥିବା ଜଣାପଡ଼ିଛି।

## ଆକ୍ରମଣ, ଜାତିଆଣ ଆକ୍ଷେପ ମାମଲା, ୨ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୯।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଗଡ଼ଗୋବିନ୍ଦପୁର ଗ୍ରାମର ଶୁକଦେବ ରେଡ୍ଡୀ ଏବଂ ଦୟା ରେଡ୍ଡୀଙ୍କୁ ଟିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। କେ.ନୂଆଗାଁ ଥାନା ନଂ.୯୩/୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସକାଳେ ଗ୍ରାମର ଅବସରପ୍ରାପ୍ତ ଇଞ୍ଜିନିୟର ଶଙ୍କର ନାରାୟଣ ସୁବୁଦ୍ଧିଙ୍କ ପ୍ରରୋଚନାରେ ଗୋଟିଏ ଗୋଷ୍ଠୀର ଯୁବକ ହୋଲି ଶୋଭାଯାତ୍ରାର ଆୟୋଜନ କରି ପ୍ରତିପକ୍ଷ ଗୋଷ୍ଠୀର ଯୁବକ ହୋଲି ଖେଳୁଥିବା ବେଳେ ସେମାନଙ୍କୁ ଧମକ ଦେଇଥିଲେ। ୨ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ସନ୍ଧ୍ୟାରେ ଗାଁ ଛକରେ କାଳିଆ ପ୍ରଧାନ ଠିଆ ହୋଇଥିବା ବେଳେ ଅପରଗୋଷ୍ଠୀର ପୂର୍ବତନ ସରପଞ୍ଚ କେ.ହରିବନ୍ଧୁ ରେଡ୍ଡୀ, କେ.ଦୟା ରେଡ୍ଡୀ, କେ.କାମେଶ୍ୱର ରେଡ୍ଡୀ ଏବଂ ଏସ.ଶୁକଦେବ ରେଡ୍ଡୀ ତାଙ୍କୁ ଆକ୍ରମଣ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ କେ.ନୂଆଗାଁ ଥାନାରେ ଏତଲା ଦିଆଯିବା ପରେ ଆଇଆଇସି କିଶୋର କୁମାର ସାମଲ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଡିପିଓ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

## ବୃଦ୍ଧାଙ୍କୁ ଆକ୍ରମଣ କରି ସୁନା ଲୁଟ୍

ପାତ୍ରପୁର, ୧୯।୩(ଉମା ଚରଣ ନେପାକ)

ଜରଡା ଥାନା ଅନ୍ତର୍ଗତ ବାଦପୁର ଗ୍ରାମର ସୁମିତ୍ରା ମହାନ୍ତି ସକାଳୁ ଫୁଲ ତୋଳୁଥିବା ବେଳେ ୪ ଜଣ ଦୁର୍ବୃତ୍ତ ଆସି ବୃଦ୍ଧାଙ୍କୁ କାବୁ କରିଥିଲେ। ସୁମିତ୍ରା ପିନ୍ଧିଥିବା ଖାସୁ ମାଳକୁ ଚୋର ମାନେ ବ୍ଲେଡ ସାହାଯ୍ୟରେ କାଟି ନେଉଥିବା ବେଳେ ସୌଭାଗ୍ୟ ବଶତଃ ସୁମିତ୍ରାଙ୍କ ହାତରେ ଚାରୋଟି ଖାସୁ ରହିଯାଇଥିଲା। ଚୋରମାନେ ଆଠଟି ଖାସୁ ଓ ହାତରୁ ମୁଦି ନେବାକୁ ସକ୍ଷମ ହୋଇଥିବା ବେଳେ ସୁମିତ୍ରାଙ୍କ ହାତ ଓ ବେକରେ ଆଘାତ ଲାଗିଛି। ଚୋରି ସୁନାର ଆନୁମାନିକ ମୂଲ୍ୟ ପାଞ୍ଚ ଲକ୍ଷ ହେବ ବୋଲି ସୁମିତ୍ରା କହିବା ସହ ଜରଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି।

# ୱାଲଟିୟର ଡିଆରଏମ୍‌ଙ୍କ ପାରଳାଖେମୁଣ୍ଡି ଗସ୍ତ

ପାରଳାଖେମୁଣ୍ଡି,୧୯।୩
(ଗିରିଧାରୀ ପରିଚ୍ଛା)



ୱାଲଟିୟର ଡିଆରଏମ ପାରଳାଖେମୁଣ୍ଡି ରେଳ ଷ୍ଟେଶନର ସମୀକ୍ଷା କରୁଛନ୍ତି।

ୱାଲଟିୟର ଡିଆରଏମ ବୁଧବାର ପାରଳାଖେମୁଣ୍ଡି ଗସ୍ତରେ ଆସି ପାରଳାଖେମୁଣ୍ଡି ରେଳ ଷ୍ଟେଶନର ସମୀକ୍ଷା କରିଛନ୍ତି। ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅମୃତ ଭାରତ ଯୋଜନା ମାଧ୍ୟମରେ ପାରଳାଖେମୁଣ୍ଡି ରେଳ ଷ୍ଟେଶନକୁ ଏକ ଅତ୍ୟାଧୁନିକ ଷ୍ଟେଶନ କରିବା ସହ ସମସ୍ତ ପ୍ରକାର ସୁିଧା ସୁଯୋଗ ଯୋଗାଇଦେବା ପାଇଁ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟକୁ ଅନୁଧ୍ୟାନ କରିବା ପାଇଁ ପାରଳାଖେମୁଣ୍ଡି ଗସ୍ତରେ ଆସିଥିଲେ ନୂତନ ଭାବେ ୱାଲଟିୟର ଡିଭିଜନ ଦ୍ୱାୟିତ୍ୱ ନେଇଥିବା ଡିଆରଏମ୍ ଲଳିତ ବୋରା। ସେ ମଧ୍ୟାହ୍ନରେ ନୌପଡ଼ା ଠାରୁ ପାରଳାଖେମୁଣ୍ଡି ଲାଇନର ପରିଦର୍ଶନ କରିବା ସହ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପାରଳାଖେମୁଣ୍ଡି ଷ୍ଟେସନରେ ପହଞ୍ଚିବାପରେ ସବୁ କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ଏହାସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଷ୍ଟେଶନରେ ସିସି ଟିଭି ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଗଣମାଧ୍ୟମ ସହ ଆଲୋଚନା ସମୟରେ ସ୍ଥାନୀୟ ଲୋକଙ୍କ ଦାବି ଅନଯାୟୀ ଷ୍ଟେଶନ ପରିସରରେ ମହାରାଜାଙ୍କ ପ୍ରତିମୂର୍ତ୍ତି ରଖିବା ସମ୍ପର୍କରେ ଉତ୍ତର ରଖି ଡିଆରଏମ୍ କହିଛନ୍ତି ଯେ ପାରଳାଖେମୁଣ୍ଡି ରେଳଷ୍ଟେସନ ପରିସରରେ ମହାରାଜାଙ୍କ ପ୍ରତିମୂର୍ତ୍ତି ବସାଇବା ଦାବି ସମ୍ପର୍କରେ ସେ ବର୍ତ୍ତମାନ କୌଣସି ଟିପଣି ଦେଇ ପାରିବେ ନାହିଁ କମିଟିର ଆଲୋଚନା ଅନୁଯାୟୀ ପଦକକ୍ଷେପ ନିଆଯିବ। ଏହା ସହ ଗୁଣୁପୁରୁ ଠାରୁ ନୌପଡ଼ା ରେଳ ଲାଇନରେ ବେଗ ବଢ଼ାଇବା କାର୍ଯ୍ୟ ଚାଲୁରହିଥିଲେ ମଧ ସିଏସ୍‌ଆର ଟିମ୍ ଅନୁଧ୍ୟାନ ପରେ ଯାହା କାର୍ଯ୍ୟକାରୀ ହେବ। ହାଇଦ୍ରାବାଦ ଠାରୁ ବିଶାଖାପାଟଣା ଯାତାୟାତ କରୁଥିବା ଏକ୍ସପ୍ରେସ ଟ୍ରେନକୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସମ୍ପ୍ରସାରଣ ସମ୍ପର୍କରେ ସେ କହିଥିଲେ କି ବ୍ୟବସାୟୀକ ଦୃଷ୍ଟି କୋଣ ଏବଂ ସମୟ ସମାନୁକ୍ରମେ ଏହା ଉପରେ ନିଷ୍ପତ୍ତି ନିଆଯିବ।

# ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ

ଛତ୍ରପୁର,୧୯।୩(ଦିଲ୍ଲୀପ ସାମଲ):



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବସୁନ୍ଧରା ଯୋଜନା ଆନୁକୂଲ୍ୟରେ ଜିଲାରେ ଚିହ୍ନଟ ହୋଇଥିବା ୧୬୪୩ ଜଣ ଯୋଗ୍ୟ ଭୂମିହୀନଙ୍କୁ ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବା ନିମନ୍ତେ କୁହାଯାଇଛି। ସହରାଞ୍ଚଳ ହେଉ ବା ଗ୍ରାମାଞ୍ଚଳ ଯେଉଁଠି ବି ସରକାରୀ ଜମି ଜବଲଦଖଲ ହୋଇଛି, ତୁରନ୍ତ ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ବିଶେଷ କରି ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଗ୍ରାମକଣ୍ଟକ ମାମଲାଗୁଡିକ ଆବେଦନ କରିବା ନିମନ୍ତେ ତାରିଖ ଧାର୍ଯ୍ୟ ରଖାଯାଇଛି। ଏହାସହିତ ମ୍ୟୁଟେଶନ କେସ ଗୁଡିକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଫଇସଲା କରିବାକୁ କୁହାଯାଇଛି। କଲମ ଟୁ ଆର ଆର କରେକ୍ସନ(ଜମି ପଟ୍ଟା ଗୁଡିକ ଅପଡେଟ )ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ଜାଗା ପ୍ରଦାନ କରିବା ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ମଧ ଜାଗା ପ୍ରଦାନ କରିବାକୁ କୁହାଯାଇଛି । ଏଥିସହ ବିଭିନ୍ନ ବିଭାଗର ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରିବା, ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ଜିଲାରେ ବେଆଇନ ମଦ କାରବାର ରୋକିବା, ଏନଫୋର୍ସମେଣ୍ଟ ଟିମ ଗଠନ କରି ଚଢାଉକୁ ଜୋରଦାର କରିବାକୁ କୁହାଯାଇଛି। ସେହିପରି ସଡକ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଆରଟିଓଙ୍କ ପକ୍ଷରୁ ହେଲମେଟ ଚେକିଂ ସହିତ ଅଧିକରୁ ଅଧିକ ଏନଫୋର୍ସମେଣ୍ଟ କରିବାକୁ କୁହାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ ଓ ଭଞ୍ଜନଗର ଉପଜିଲାପାଳ ଉମାକାନ୍ତ ବେହେରା, ଡେପୁଟି କଲେକ୍ଟର (ରାଜସ୍ୱ)ପ୍ରଦୀପ କୁମାର ସାହୁ, ଡେପୁଟି କଲେକ୍ଟର (ଜରୁରୀ କାଳୀନ)ଅଭିଷେକ ସାହୁଙ୍କ ସମେତ ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଯୋଗାଣ ନିରୀକ୍ଷକ ଲାଞ୍ଚ ନେବା ଭିଡିଓ ଭାଇରାଲ ଘଟଣା

# ପାତ୍ରପୁର ବ୍ଲକରେ ୪ ଜଣିଆ ଟିମ୍‌ର ତଦନ୍ତ

ପାତ୍ରପୁର,୧୯।୩(ଉମା ଚରଣ ନେପାକ):



ବ୍ଲକରେ ତଦନ୍ତ ଚାଲିଛି।

ପାତ୍ରପୁର ଯୋଗାଣ ନିରୀକ୍ଷକ ଲାଞ୍ଚ ନେବା ଭିଡିଓ ଭାଇରାଲ ଘଟଣାର ତଦନ୍ତ ପାଇଁ ବ୍ରହ୍ମପୁର ଉପ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ୪ ଜଣିଆ ଟିମ୍ ବ୍ଲକରେ ପହଞ୍ଚି ତଦନ୍ତ କରିଛନ୍ତି। ଟିମ୍‌ରେ ସହକାରୀ ଜିଲାପାଳ ଶୁଭସ୍ମିତା ମିଶ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ସକଳେଶ୍ୱର ଦାସ, ପାତ୍ରପୁର ବିଡ଼ିଓ ଲକ୍ଷ୍ମଣ ସୋରେନ ଏବଂ ଟିକିଟି ତହସିଲଦାର ବିଶ୍ୱରଞ୍ଜନ କଂହର ରହିଛନ୍ତି। ଏହି ଟିମ ଲାଞ୍ଚ ନେବା ଘଟଣାର ସତ୍ୟତା ପରଖିବା ପାଇଁ ଅଭିଯୋଗ ଆଣିଥିବା ବଳରାମପୁର ପାଣ୍ଡୁରାଙ୍ଗା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ବି. ରେଣୁକା ଏବଂ ସମ୍ପାଦିକା ଭାନୁମତିଙ୍କଠାରୁ ପୃଥକ ଭାବେ ଲାଞ୍ଚ କଥା ବୁଝିବା ବେଳେ ଜଣେ ଲୋକଙ୍କ ହାତରେ ଯୋଗାଣ ଅଧିକାରୀଙ୍କୁ ୩୦୦୦ ଟଙ୍କା ଦେଇଥିବା କହିଥିଲେ। ତଦନ୍ତ କମିଟି ଉଭୟଙ୍କ ଲିଖିତ ବୟାନ ରେକର୍ଡ କରିଥିଲେ । କିନ୍ତୁ କମିଟି ତଦନ୍ତ ସେଠି ଶେଷ ନ କରି ତଦନ୍ତକୁ ବାଟବଣା ପାଇଁ ଯୋଗାଣ ଅଧିକାରୀଙ୍କ ଦୋଷ ଛାଡିବା ଭଳି ଘଟଣାରେ ସମ୍ପୃକ୍ତ ନ ଥିବା ଆଉ କେତେକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବୟାନ ରେକର୍ଡ କରିବା କେତେ ଯୁକ୍ତିଯୁକ୍ତ ବୋଲି ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢ଼ୀ ପ୍ରତିକ୍ରିୟା ରଖିବା ସହ ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି । ସୂଚନା ଯୋଗ୍ୟ ଏହି କି ପାତ୍ରପୁର ବ୍ଲକ ଗୁଡିପଦର ପଞ୍ଚାୟତର ବଳରାମପୁର ସ୍ଥିତ ପାଣ୍ଡୁରଙ୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପିଡ଼ିଏସ ଲାଇସେନ୍ସ ନବୀକରଣ ପାଇଁ ୩୦୦୦ ଟଙ୍କା ଲାଞ୍ଚ ନେଉଥିବା ଏବଂ ଆଉ ବଳକା ୫୦୦ ଟଙ୍କା ପରେ ଆଣିକି ଦେବାକୁ ଯୋଗାଣ ନିରୀକ୍ଷକ ବଳରାମ ଜେନା କହୁଥିବା ଭିଡିଓ ଗତ ଦୁଇଦିନ ଧରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥଲା।

## ଅଟୋ ଧକ୍କାରେ ମହିଳା ମୃତ, ୨ ଗୁରୁତର

ଭଞ୍ଜନଗର,୧୯।୩(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ପଙ୍କାଳ ସାହି ଛକରେ ବୁଧବାର ଅପରାହ୍ନରେ ଏକ ଅଟୋ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଆପଟାର ଭାଗ୍ୟ ବିଷୋୟୀ (୫୫)। ଏଥିରେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ତମାଳ ନାୟକ ଏବଂ ଗୋଲା ଗୌଡ। ଉଭୟଙ୍କୁ ଭଞ୍ଜନଗର ହସ୍ପିଟାଲରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଭାଗ୍ୟ, ତମାଳ ଏବଂ ଗୋଲା ପଙ୍କାଳ ସାହି ଛକରେ ରାସ୍ତା କଡ଼ରେ ଠିଆ ହୋଇଥିବା ବେଳେ ଏକ ଅଟୋ ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଭଞ୍ଜନଗର ଥାନା ଅଧିକାରୀ ଜିବନାନନ୍ଦ ଜେନା ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି।

## ଓଲଟିଲା ମକା ବୋଝେଇ ଟ୍ରକ୍

ବୁଗୁଡ଼ା,୧୯।୩ (କାଳିଚରଣ ଦାଶ)

ବୁଗୁଡ଼ା ପୋଲିସ ଥାନା ବାଲିପଦର ଫାଣ୍ଡି ଅଞ୍ଚଳରେ ଏକ ମକା ମଞ୍ଜି ବୋଝେଇ ଟ୍ରକ (ନଂ-ଓଡି ୦୭ ଏପି-୧୫୦୧) ପୋଚାଲୁଣ୍ଡି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଛି। ଟ୍ରକ୍‌ଟି ବାଲିପଦରରୁ ଭଞ୍ଜନଗର ଆଡ଼କୁ ଯାଉଥିବା ବେଳେ ପୋଚାଲୁଣ୍ଡି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ସତ୍ତ୍ୱେ ଡ୍ରାଇଭର ଓ ହେଲପର ଉଭୟେ ସୁରକ୍ଷିତ ରହିଥିଲେ। ଟ୍ରକ୍‌ଟି ଓଲଟି ପଡ଼ିବା ଯୋଗୁ ବସ୍ତା ଫାଟି ମକା ମଞ୍ଜିଗୁଡ଼ିକ ତଳେ ପଡ଼ିଯାଇଥିଲା। ଖବର ପାଇ ବାଲିପଦର ପୋଲିସ ଫାଣ୍ଡି ଅଧିକାରୀ କେ.ନୀଳାଦ୍ରି ରେଡି ଘଟଣା ସ୍ଥଳରେ ପହଞ୍ଚି ମଞ୍ଜିର ସୁରକ୍ଷା ପାଇଁ ପୋଲିସ ବ୍ୟବସ୍ଥା କରିଥିଲେ।

## ରକ୍ତପଟା ଗ୍ରାମର ୫ ସମ୍ବର୍ଦ୍ଧିତ

ଶେରଗଡ଼,୧୯।୩(ସୂର୍ଯ୍ୟନାରାୟଣଦାଶ)

ଶେରଗଡ଼ ବ୍ଲକ କରଡାକଣା ପଞ୍ଚାୟତ ରକ୍ତପଟା ଗ୍ରାମର ୫ଜଣ ବ୍ୟକ୍ତି ଗତବର୍ଷ ରଥ ନିର୍ମାଣ ପାଇଁ ପୁରୀକୁ ଫାସି ଗଛ ଦାନ କରିଥିଲେ। ଗଛଦାନ କରିଥିବା ଗନ୍ତାୟତ ବିଷୋୟୀ,ହିମପୁଲ ବିଷୋୟୀ,ବାଞ୍ଛା ବିଷୋୟୀ, ତ୍ରିନାଥ ବିଷୋୟୀ ଓ ବିପ୍ର ବିଷୋୟୀଙ୍କୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ସେଠାରେ ପୁରୀ ଗଜପତି ମହାରାଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସମାବେଶ

ଶେରଗଡ଼,୧୯।୩(ସୂର୍ଯ୍ୟନାରାୟଣଦାଶ)

ଶେରଗଡ଼ ପାଢ଼ୀସାହି କୋଠ ଘରେ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଭ୍ୟ କାଳୁ ଚରଣ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ସମ୍ପାଦକ ଦିଲିପ କୁମାର ତ୍ରିପାଠୀ ପୂର୍ବ ସମାବେଶର ବିବରଣୀ ପାଠ କରିଥିଲେ। ଅତିଥି ଭାବେ ଜିଲା ସଂଘର ଇନ୍ଦୁ ଭୂଷଣ ପଟ୍ଟନାୟକ,ସିମାଞ୍ଚଳ ବିଷୋୟୀ, ବିରୂପାକ୍ଷ ଦାଶ ଓ ମୁଖ୍ୟବକ୍ତା ଭାବେ ବିପ୍ରଚରଣ ମିଶ୍ର ଯୋଗଦେଇ ସଂଘକୁ ମଜବୁତ କରିବା ସହ ସଭ୍ୟମାନଙ୍କ ସୁଖ ଦୁଃଖରେ ସାମିଲ ହେବାକୁ କୁହାଯାଇଥିଲା। ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନେ ଉପେକ୍ଷିତ। ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀମାନେ ଅନେକ ସୁବିଧା ସୁଯୋଗ ପାଇ ପାରୁନାହାନ୍ତି। ଏଣୁ ରାଜ୍ୟ ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସମାବେଶରେ କର୍ମକର୍ତ୍ତା ମାନେ ଅନୁରୋଧ କରିଛନ୍ତି। ବରିଷ୍ଠ କର୍ମଚାରୀ ମାନଙ୍କୁ ନେଇ ଏକ ଫୋରମ ଗଠନ କରାଯାଇଥିଲା ।ଶେଷରେ ଅବସରପ୍ରାପ୍ତ ସଂଘ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ କାଳୁ ସାଇଁ, ଉପସଭାପତି ଭାବେ ସୁବାସ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଭାବେ ବଳରାମ ସ୍ୱାଇଁ,ସାଧାରଣ ସମ୍ପାଦକ ଭାବେ ଦିଲିପ କୁମାର ତ୍ରିପାଠୀ,ସହ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ଜାନି, କୋଷାଧ୍ୟକ୍ଷ ଭାବେ ବିଜୟ କୁମାର ପାତ୍ରଙ୍କୁ ଚୟନ କରାଯାଇଥିଲା।

# ଘୁମୁସର ବନଖଣ୍ଡକୁ ସମ୍ବର୍ଦ୍ଧିତ କଲା ଶ୍ରୀମନ୍ଦିର ପ୍ରଶାସନ




ଡିଏଫଓଙ୍କୁ ପୁରୀ ଗଜପତି ମହାରାଜ ସମ୍ବର୍ଦ୍ଧିତ କରୁଛନ୍ତି।

ଭଞ୍ଜନଗର,୧୯।୩(ବାବୁଲା ପ୍ରଧାନ):

ପୁରୀ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଗଞ୍ଜାମ ଜିଲା ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡର ୧୬ ଜଣ ଏବଂ ଉତ୍ତର ଘୁମୁସର ବନଖଣ୍ଡର ୭ ଜଣ ସମ୍ବର୍ଦ୍ଧିତ ହୋଇଛନ୍ତି। ସେମାନେ ଗତ ଦୁଇବର୍ଷ ମଧ୍ୟରେ ପୁରୀ ରଥଯାତ୍ରା ପାଇଁ ଫାଶୀ କାଠ ଦାନ କରିଥିଲେ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ମଙ୍ଗଳବାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି । ଏଥିସହ ଗତବର୍ଷ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ବହୁତ କାଠ ଶ୍ରୀମନ୍ଦିରକୁ ଦାନ କରାଯାଇଥିବା ଯୋଗୁ ରଥ ଚକ ଉପହାର ମିଳିଥିଲା। ତାହାକୁ ସ୍ଥାନୀୟ କାର୍ଯ୍ୟାଳୟରେ ପୂଜା କରାଯାଉଛି। ଉତ୍ତର ଘୁମୁସର ବନଖଣ୍ଡରୁ ମଧ ରଥଯାତ୍ରା ପାଇଁ କାଠ ଯାଇଥିଲା। ଚଳିତବର୍ଷ ଦକ୍ଷିଣ ଘୁମୁସର ବନଖଣ୍ଡର ୨୨ ଜଣଙ୍କ କାଠ ପୁରୀ ଯିବା ପାଇଁ ଚୟନ ହୋଇଛି। ତେଣୁ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ବନଖଣ୍ଡକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡିଏଫଓ ହିମାଂଶୁ ଶେଖର ମହାନ୍ତି ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ ଉପସ୍ଥିତ ଥିଲେ।

# ପୁସ୍ତକ 'ତୁଳକି' ଉନ୍ମୋଚିତ




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଭଞ୍ଜନଗର,୧୯।୪(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର ଅଧ୍ୟାପିକା ରୋଜାଲିନ ମହାରଣାଙ୍କ ପୁସ୍ତକ ତୁଳକି ଉନ୍ମୋଚିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ଅଧକ୍ଷ ବିଭାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସୈକ୍ଷିକ ପରିଷଦ ସମ୍ପାଦକ ପ୍ରାଧ୍ୟାପକ ହର ପ୍ରସାଦ ଶତପଥୀ, ଅଧ୍ୟାପକ ଦିଗନ୍ତ ଜେନା, ଡା.ରବିନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପିକା ଦିପାଶ୍ରୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଲେଖିକା ଅଧାପିକା ରୋଜାଲିନ ପୁସ୍ତକ ଉପରେ ସମ୍ୟକ୍ ସୂଚନା ଦେଇଥିଲେ। ଜୀନରେ ସବୁ କିଛି ହରାଇବା ପରେ ନିଜ ଗୋଡ଼ରେ କିଭଳି ଠିଆ ହୋଇପାରିଛି ଆଦିବାସୀ ଝିଅଟି ତା' ଉପରେ ପୁସ୍ତକଟି ଲିଖିତ। ସଭାକୁ ବିଭାଗୀୟ ମୁଖ୍ୟ ଅଧାପିକା ରାଜଲକ୍ଷ୍ମୀ ରଥ ସଂଯୋଜନା କରିଥିଲେ। ଅଧାପିକା କଳ୍ପନା ଷଣ୍ଢ ଧନ୍ୟବାଦ୍ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ର ଚିନ୍ମୟ ପରିଡ଼ା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଅଧାପିକା ସୁନିତା ରାଣୀ ଖଣ୍ଡୁଆଳ, ତୃପ୍ତିମୟୀ ଦାସ, ଜ୍ୟୋସ୍ନା ରାଣୀ ଦାସ, ସ୍ମରଣିକା ପାଢ଼ୀ, ସସ୍ମିତା ଦାସ, ଶେଫାଳୀ ପଟ୍ଟନାୟକ, ରାଜଶ୍ରୀ ନାୟକ, ଅଧାପକ ରଜନୀ କାନ୍ତ ତ୍ରିପାଠୀ, ବିଦେଶୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଖବରଦାତାଙ୍କ ସୁରକ୍ଷା, ବୀମା ରାଶି ବୃଦ୍ଧି ନେଇ ଉଠିଲା ଦାବି

ଦାରିଙ୍ଗବାଡ଼ି, ୧୯।୩ (ଅରୁଣ ସାହୁ )

**ଓୟୁଜେର ସାଧାରଣ ବୈଠକ**

ଦାରିଙ୍ଗବାଡ଼ି ବ୍ଲକ୍ ଡୁଲୁରୀ ପାଇନବଣ ପରିସରରେ ବୁଧବାର ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ)ର ସାଧାରଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁନିୟନର କନ୍ଧମାଳ ଶାଖାର ଜିଲା ସଭାପତି ସୁଜିତ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ୟୁନିୟନର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ ବିଡ଼ିଓ ପ୍ରୀତିରଞ୍ଜନ ରଥ, ସମ୍ମାନିତ ଅତିଥିଭାବେ ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର, ରାଜ୍ୟ ଆଇଟି କୋଡିନେଟର ସନ୍ତୋଷ ସିଂଦେଓ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ବରିଷ୍ଠ ଖବରଦାତା ସୁଧାଂଶୁ ପାତ୍ର, ଜିଲା ସାଧାରଣ ସମ୍ପାଦକ ଅଜିତ ନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ। ସେହିପରି ନିମନ୍ତ୍ରିତ ଅତିଥିଙ୍କ ମଧ୍ୟରେ ରାଇକିଆ ସାହାରା ଅନୁଷ୍ଠାନର ସମ୍ପାଦକ ସୁକାନ୍ତ ନାୟକ, ବାଲିଗୁଡ଼ାର ସୁରେନ୍ଦ୍ର ସେଠି, ପ୍ଲିହେରି ପଞ୍ଚାୟତ ସରପଞ୍ଚ ପାଉଲ ପ୍ରଧାନ, ସମିତିସଭ୍ୟ ଅରୁଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦୁର୍ଗମ ଅଞ୍ଚଳରେ ଖବରଦାତାଙ୍କ ସୁରକ୍ଷାକୁ ଅଧିକା ଗୁରୁତ୍ୱ ଦେବା ପ୍ରତି ସରକାର ଧ୍ୟାନ ଦେବା ଆବଶ୍ୟକ ଓ ବୀମା ରାଶି ବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ସରକାର ଖବରଦାତାଙ୍କ ୩ଟି ଦାବିକୁ ଗୁରୁତ୍ୱ ନ ଦେଲେ ୟୁନିୟନ ଏଥିପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନା କରିବ ବୋଲି ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି କହିଥିଲେ। ଏହି ଅବସରରେ ମହାକାଶଯାତ୍ରୀ ସୁନିତା ବିଲିୟମ ୯ ମାସ ପରେ ସୁରକ୍ଷିତ ଭାବେ ଫେରିଲେ। ଏହି ବିଜ୍ଞାନିକଙ୍କୁ ଧନ୍ୟବାଦ ଦେବାସହ ୟୁନିୟନ ଏଥିପାଇଁ ତାଙ୍କ ପୋଷ୍ଟର ଧରି ସେଲିବ୍ରେସନ କରିଥିଲା। ଏହି ଅବସରରେ ନିମନ୍ତ୍ରିତ ଅତିଥିଙ୍କୁ କନ୍ଧମାଳ ଶାଖା ପକ୍ଷରୁ ପ୍ରଶଂସା ପତ୍ରଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କଣ୍ଠଶିଳ୍ପୀ ଅକ୍ଷୟ ପରିଚ୍ଛା ଓ ତାଙ୍କ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ୱେଚ୍ଛାସେବୀ ଭାବେ ଦିଲୀପ ସାହୁ, ଧନେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକାରିଣୀ ସଭାପତି ଅଶୋକ ମହାନ୍ତି ନିମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ। ଚିତ୍ର ଉତ୍ତୋଳନ ପାଇଁ ସୁରେନ୍ଦ୍ର ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରର ଓୟୁଜେ କର୍ମକର୍ତ୍ତା, ଖବରଦାତା ମାନେ ଉପସ୍ଥିତ ହୋଇଥିଲେ।

# ରାସ୍ତା କଡ଼ରେ ଛାତ୍ରଙ୍କ ପାଠପଢ଼ା

ମୋହନା,୧୯।୩ (ମନ୍ମଥ ମିଶ୍ର)



ଅଭିନବ ପ୍ରତିବାଦ କରି ରାସ୍ତା କଡ଼ରେ ଛାତ୍ରମାନେ ପାଠପଢୁଛନ୍ତି।

ଯୁକ୍ତ ଦୁଇ ପରୀକ୍ଷା ଚାଲିଥିବା ବେଳେ ଗଜପତି ଜିଲା ଚାନ୍ଦିପୁଟ ଇନ୍ଦିରା ସ୍ମୃତି ମାଧ୍ୟମିକ ବିଦ୍ୟାଳୟରେ ଦେଖା ଦେଇଛି ଅଭାବନୀୟ ଘଟଣା। କଲେଜରେ ପାନୀୟ ଜଳ, ଶୌଚାଳୟର ସମସ୍ୟା ଦୀର୍ଘ ବର୍ଷରୁ ଲାଗି ରହିଛି। ହଷ୍ଟେଲରେ ଥିବା ଛାତ୍ରମାନେ ଏ ସମ୍ପର୍କରେ ଅଧକ୍ଷଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଅଧକ୍ଷ ଅଭିଯୋଗ ନ ଶୁଣି ହଷ୍ଟେଲ୍‌ରେ ଥିବା ୧୨୦ ଛାତ୍ରଙ୍କୁ ୨ମାସ ପାଇଁ ବାହାର୍ କରିଦେଇଥିବା ଅଭିଯୋଗ କରିଛନ୍ତି । ଛାତ୍ରଙ୍କ କହିବା ଅନୁସାରେ ଅଧକ୍ଷ ଏକ ବାଳିକା ହଷ୍ଟେଲର ଶୌଚାଳୟ ବ୍ୟବହାର କରିବା ପାଇଁ ପିଲାଙ୍କୁ କହିଥିଲେ। ସେଠାରେ ଥିବା ଜଣେ ଅଧାପକ ୨ ଘଣ୍ଟା ପାଇଁ ଅନୁମତି ଦେଇଥିଲେ। ପିଲା ଶୌଚ ହେବା ସମୟରେ ପାଣି ବନ୍ଦ କରିବା ଭଳି ଅନେକ ଅଭିଯୋଗ କରିଛନ୍ତି ଇନ୍ଦିରା ସ୍ମୃତି ବିଦ୍ୟାଳୟ ହଷ୍ଟେଲ୍ ଛାତ୍ରମାନେ। ଫଳରେ ବୁଧବାର ଛାତ୍ରାବାସରୁ ୧୨୦ଛାତ୍ର କଲେଜ ବାହାର ରାସ୍ତା କଡ଼ରେ ପାଠପଢୁଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ଚାରି ଘଣ୍ଟା ବିଦ୍ୟାଳୟ କର୍ତ୍ତୃପକ୍ଷ ବୁଝାଶୁଝା ପରେ ଛାତ୍ରମାନେ ହଷ୍ଟେଲକୁ ଫେରିଥିଲେ। ଏହି ବିଷୟରେ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିବାରୁ ବର୍ତ୍ତମାନ ମରାମତି କାର୍ଯ୍ୟ ଚାଲିଛି। ଦୁଇ ଜଣ ପିଲା ନେତୃତ୍ୱ ନେଇ ଏଭଳି ଘଟଣା ଘଟାଇଛନ୍ତି। ଆଗାମୀ ଦିନରେ ଏମିତି ଘଟଣା ଘଟିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

